# Akashvani, Sambalpur

## SAMBALPURI NEWS BULLETIN

### 29 April 2024- 6.47- 6.52 am.

**********************************************

୩ ନମ୍ବର୍ ଖେପ୍ ନିର୍ବାଚନ୍-ବିଜ୍ଞପ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲୋକସଭାର ୩ ନମ୍ବର ଆର୍ ଦେଶର୍ ୬ ନମ୍ବର୍ ଖେପ୍ ନିର୍ବାଚନ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇତାର୍ ସହେତେ ନାମାଙ୍କନ ପତ୍ର ଦାଖଲ ଭିଲ୍ ଆଏଜ୍ ଠାନୁ ମୂଲ୍ ହେବା । ଇ ଖେପେ ରାଜ୍ୟର୍ ୬ଟା ସଂସଦୀୟ କ୍ଷେତ୍ର ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଲ୍, କଟକ, ପୁରୀ ଆଉ ଭୁବନେଶ୍ୱର ଲାଗି ଭୋଟ୍ ହେବା । ଇ ସଂସଦୀୟ କ୍ଷେତ୍ର ଅଧିନଥି ଥିବା ୪୨ଟା ବିଧାନସଭା ଆସନ ଲାଗି ଭିଲ୍ ଭୋଟ୍ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତର୍‌ଫୁ ସୂଚନା ମିଲିଛେ । ଆଏବା ମେ’ ୬ ତାରିଖ ଦିନ ନାମାଙ୍କନ ପତ୍ର ଦାଖଲ୍‌ର ଶେଷ୍ ଦିନ ରହିଛେ । ଇତାର୍ ଉତ୍‌ରୁ ୭ ତାରିଖ୍ ଦିନ ନାମାଙ୍କନ ପତ୍ର ଯାଂଚ୍ ହେବା ଆର୍ ୯ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ୍ ରହିଛେ । ସେନ୍ତା ମେ ୨୫ ତାରିଖ୍ ଇ ଖେପ୍ ଲାଗି ଭୋଟ୍

ହେବା । ଜୁନ୍ ୪ ତାରିଖ୍ ଦିନ ଫଳାଫଳ ଘୋଷଣା ହେବା ବଲି ସୂଚନା ମିଳିଛେ ।

ନିର୍ବାଚନ୍ କାମ୍-ଶିଶୁ ନିୟୋଜନ ଆର୍ଏନ୍ୟୁ / ସମ୍ବଲପୁର

ନିର୍ବାଚନ୍ ବାବଦ୍ କେନ୍‌ସି କାମ୍‌ଥି ରାଜନୈତିକ୍ ଦଲ୍ କି ପ୍ରାର୍ଥୀମାନେ ଛୁଆମାନ୍‌କୁ ନାଇଁ ଲଗାବାର୍ ଲାଗି ନିର୍ବାଚନ୍ ଆୟୋଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇ ନିର୍ଦ୍ଦେଶ୍‌ନାମାକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସବୁ ରାଜନୈତିକ୍ ଦଲ୍ ଆଉ ପ୍ରାର୍ଥୀମାନ୍‌କୁ କହିଛନ୍ । ଭିନ୍ ଭିନ୍ ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀମାନେ ଛୋଟ୍ ପିଲାମାନ୍‌କୁ ଶୋଭାଯାତ୍ରା, ପ୍ରଚାର୍ କାମେ ଲଗଉଥିବାର୍ ଅଭିଯୋଗ୍ ପାଏବାର୍ ଉତ୍‌ରୁ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ସମ୍ବଲପୁର

ଦେଶ୍ ୧୧ ନମ୍ବର୍ ଅର୍ଥନୈତିକ୍ ରାଷ୍ଟ୍ରନୁ ଏଛେନ୍ ୫ ନମ୍ବର୍‌କେ ପୁହୁଁଚିଛେ । ଆଏବା ୨ ବଛର୍ ଭିତ୍‌ରେ ଦେଶ୍ ୩ ନମ୍ବର୍ ଅର୍ଥନୀତିଥି ପୁହୁଁଚିବା ବଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା କହିଛନ୍ । ଓଡ଼ିଶା ଗସ୍ତଥି ଆସିକରି ଗଲାକାଏଲ୍ ବ୍ରହ୍ମପୁର୍ ଲୋକ୍‌ସଭା କ୍ଷେତ୍ରର୍ ଆମ୍ବପୁଆ ଠାନେ ଦଲ୍ ତର୍‌ଫୁ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ସେ ଯୋଗ୍ ଦେଇଥିଲେ । ଇ ଅବ୍‌ସର ସେ ଆହୁରି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ଉଜ୍ୱଲା ଯୋଜ୍‌ନାଥି ଓଡ଼ିଶା ନ ୫୩ ଲାଖ୍ ଲୁକ୍‌କୁ ଗେସ୍ ମିଲିଛେ । ଶ୍ରୀ ନଡ୍ଡା ଆଏଜ୍ ଦିଲ୍ଲୀ ଫିର୍‌ବାର୍ ଆଘୋନୁ ଭୁବ୍‌ନେଶ୍ୱର୍ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

କଂଗ୍ରେସ୍ ପ୍ରାର୍ଥୀ ତାଲିକା ଘୋଷ୍‌ନା  ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଜ୍ୟର୍ ୨ ଟା ଲୋକ୍‌ସଭା ଆଉ ୮ ଟା ବିଧାନ୍‌ସଭା ଆସନ୍ ଲାଗି ଭାରତୀୟ କଂଗ୍ରେସ୍ ପାର୍ଟି ପ୍ରାର୍ଥୀ ଘୋଷ୍‌ନା କରିଛେ । ଇତାର୍‌ସହେତେ ୩ ଝନ୍ ପ୍ରାର୍ଥୀଙ୍କୁ ଦଲ୍ ତର୍‌ଫୁ ବଦ୍‌ଲା ଯାଇଛେ । ସମ୍ବଲ୍‌ପୁର୍ ଲୋକ୍‌ସଭା ପ୍ରାର୍ଥୀ ଦୁଲାଲ୍ ଚନ୍ଦ୍ର ପ୍ରଧାନ୍‌ଙ୍କର୍ ବଦ୍‌ଲା ନଗେନ୍ଦ୍ର ପ୍ରଧାନ୍, ବାରିପଦାର ବିଧାନ୍‌ସଭା ଆସନ୍‌ର ବାଦଲ୍

ହେମ୍ବ୍ରମ୍ଙ୍କର୍ ବଦ୍ଲା ପ୍ରମୋଦ୍ କୁମାର୍ ହେମ୍ବ୍ରମ୍ ଆର୍ ଖଣ୍ଡପଡ଼ାର ମନୋଜ କୁମାର୍ ପ୍ରଧାନ୍ଙ୍କର୍ ବଦ୍ଲା ବୈଜୟନ୍ତୀ ମାଳା ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ନାମାଙ୍କନ୍ ପତ୍ର          ଆର୍ଏନ୍ୟୁ/ କଟକ୍

ବିଜୁ ଜନତା ଦଲର୍ ବରିଷ୍ଠ ନେତା ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏବା କାଏଲ୍ ଗଞ୍ଜାମ୍ ଜିଲ୍ଲାର୍ ହିଞ୍ଜିଳି ବିଧାନ୍ସଭା ଆସନ୍ ଲାଗି ନିଜର୍ ନାମାଙ୍କନ୍ ପତ୍ର ଦାଖଲ୍ କର୍ବେ । ବିଜୁ ଜନତା ଦଲ୍ ତର୍ଫୁ ଦିଆଯାଇଥିବା ସୂଚ୍ନା ଅନ୍ସାରେ ଶ୍ରୀ ପଟ୍ଟନାୟକ୍ ତାରାତାରିଣୀ ପୀଠକେ ଯାଇକରି ମାଙ୍କର୍ ଦର୍ଶନ୍ କଲା ଉତ୍ରୁ ଛତ୍ରପୁର୍ ଉପ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ପୁହୁଁଚିକରି ନାମାଙ୍କନ୍ ପତ୍ର ଦାଖଲ୍ କର୍ବେ ।

ଝାର୍ସୁଗୁଡ଼ା ରୋଡ଼୍ ଶୋ          ଝାର୍ସୁଗୁଡ଼ା ସମ୍ବାଦଦାତା

ଭାରତୀୟ ଜନତା ପାର୍ଟି ତର୍ଫୁ ଗଲାକାଏଲ୍ ଝାର୍ସୁଗୁଡ଼ା ସହର୍ ନ ଗୁଟେ ବିଶାଲ୍ ରୋଡ଼୍ ଶୋ ହେଇଯାଇଛେ । ଇ ରୋଡ଼୍ ଶୋ ମନ୍ମୋହନ୍ ସ୍କୁଲ୍ ପଡ଼ିଆ ନୁ ବାହାରିକରି ସହରର୍ ପୁର୍ନା

ବସ୍‌ଷ୍ଟେଣ୍ଡତକ୍ ଯାଇଥିଲା । ଇଥି ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ବିଧାନ୍‌ସଭା ପ୍ରାର୍ଥୀ ଟଙ୍କଧର୍ ତ୍ରିପାଠୀ, ଲୋକ୍‌ସଭା ପ୍ରାର୍ଥୀ ପ୍ରଦୀପ୍ ପୁରୋହିତ୍ ଉପସ୍ଥିତ୍ ରହିକରି ନିର୍ବାଚନ୍ ପ୍ରଚାର୍ କରିଥିଲେ । ଇ ଅବ୍‌ସରେ ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଲୁକ୍‌କର୍ ଭିଡ଼୍‌କେ ଦେଖିକରି କହିଛନ୍ ଯେ, କେନ୍ଦ୍ର ନ ବିଜେପି ସର୍‌କାର୍ ଆର୍ ରାଏଜେ ଡବଲ୍ ଇଞ୍ଜିନ୍ ସର୍‌କାର୍ ଜରୁର୍ ହେବା ବଲି ଜନାପଡୁଛେ । ସେନ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ଯେ, ଓଡ଼ିଶା ନ ଏଛେନ୍ ପରିବର୍ତନ୍‌ର ଚିତ୍ର ଦେଖିବାର୍‌କେ ମିଲୁଛେ ।

ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ । ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେଲ୍‌ଙ୍କୁ ସୁର୍‌ତା କରିକରି ଫି ବଛର୍ ଆଜିର୍ ଦିନେ ଇ ଦିବସ୍ ପାଲନ୍ କରାଯାଏସି । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ତର୍‌ଫୁ ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ମୁଲ୍ କରାଯାଇଥିଲା । ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟକେ ଉନ୍ନତ କର୍‌ବାର୍ ଦିଗେ ଲୁକ୍‌କୁ

ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ସାଧାରଣ ପର୍ଯ୍ୟବେକ୍ଷକ-କଲାହାଣ୍ଡି ହିନ୍ଦୁସ୍ଥାନ୍ ସମାଚାର୍

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନାର ଜିଲ୍ଲାପାଲ୍ ସମ୍ମିଳନୀ କକ୍ଷ ନ ଓଡ଼ିଶା ରାଜ୍ୟ ଲାଗି ନିଯୁକ୍ତ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୁଲିସ୍ ପର୍ଯ୍ୟବେକ୍ଷକ୍ ରଜନୀକାନ୍ତ ମିଶ୍ର ଆର୍ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ହିମାଲିନୀ କାଶ୍ୟପ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଚାଲିଥିବା ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ହଉଛେ । ଆଏବା ୪ ନୁ ୫ ଦିନ୍ ତକ୍ ତାତି ଜାରି ରହେବା ବଲି ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଗଲାକାଏଲ୍ ରାଜ୍ୟର୍ ୨୭ ଟା ଜାଗା

ନ ଦିନର୍ ସବୁନୁ ଜହ ତାତି ୪୦ ଡିଗ୍ରୀ ଉପ୍ରେ  ଆଉ ୧୨ ଟା ଜାଗା ନ ଦିନର୍ ସବୁନୁ ଜହ ତାତି ୪୩ ଡିଗ୍ରୀ ଉପ୍ରେ ଥିଲା । ରାଜ୍ୟର୍ ସବୁନୁ ଅଏତ୍କା ତାତି ଅନୁଗୁଲ୍ ନ ୪୪ ଦଶ୍ମିକ୍ ୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା ।